## ପ୍ରାଣୀ ସ୍ୱାସ୍ଥ୍ୟ ଶିବିର

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବାଗଲପୁର ଗ୍ରାମରେ ତା ୦୪.୧୧.୨୦୧୯ ଦିନ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଏବଂ ପ୍ରାଣୀ ସମ୍ପଦ ବିଭାଗ, ପୁରୀର ମିଳିତ ସହଯୋଗରେ ଏକ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ଗଣ ଏବଂ ପ୍ରାଣୀ ସମ୍ପଦ

ବିଭାଗ, ପୁରୀର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଏଥିରେ ଚାଷୀମାନଙ୍କୁ ବିଭିନ୍ନ ଭିଟାମିନ୍ ଏବଂ ଔଷଧ ବଣ୍ଟନ କରାଯାଇଥିଲା ।

## ବୈଜ୍ଞାନିକ ପଦ୍ଧତିରେ ବିରି ଚାଷର କ୍ଷେତ୍ର ପ୍ରଦର୍ଶନ

ପିପିଲି ବ୍ଲକ୍ ଅନ୍ତର୍ଗତ ସୁଲତାନ୍ ନଗର ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ଏକ ଚକିଆ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ଏହି କାର୍ଯ୍ୟକ୍ରମ ଗ୍ରାମରେ ୧୦ ହେକ୍ଟର ଜାଗାରେ ୨୫ ଜଣ ଚାଷୀ ମାନଙ୍କୁ ନେଇ କରାଯାଉଅଛି । ଏଥିରେ ବିରିର ଅଧିକ ଅମଳକ୍ଷମ ବିହନ ପି.ୟୁ-୩୧ ସହିତ ମଞ୍ଜି ବିଶୋଧନ ଔଷଧ (ଗାଉଚ), ଯବକ୍ଷାରଜାନ ନିବନ୍ଧନ ବୀଜାଣୁ ରାଇଜୋବିୟମ୍ ଏବଂ ବିଭିନ୍ନ ରୋଗ ପୋକ ସମ୍ବନ୍ଧୀୟ ଔଷଧର ପ୍ରଦର୍ଶନ କରାଯାଇଅଛି ।

## ବିଶ୍ୱ ମୃତ୍ତିକା ଦିବସ

ଚଳିତ ବର୍ଷ ଡିସେମ୍ବର ମାସ ୦୫ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଏବଂ କୃଷି ବିଭାଗ, ପୁରୀର ମିଳିତ ସହଯୋଗରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ଏକ ଚାଷୀ – ବୈଜ୍ଞାନିକ ଆଲୋଚନା କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଚଳିତ ବର୍ଷର ବିଷୟବସ୍ତୁ 'Stop Soil erosion save our future' ସହିତ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ଭାଗରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ

ବଣ୍ଟନ କରାଯାଇଥିଲା । ଏତଦ୍ ବ୍ୟତୀତ ମୃତ୍ତିକା ବିଜ୍ଞାନ ବିଭାଗ, ଓ.ୟୁ.ଏ.ଟି, ଭୁବନେଶ୍ୱର ସହ ମିଳିତ ଭାବରେ ନିମାପଡା ବ୍ଲକ ସ୍ଥିତ ଗୋଡିମାଳ ଗ୍ରାମରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଅଛି ।

## କିଷାନ ଏବଂ ବିଜ୍ଞାନ ଦିବସ

ଚଳିତ ବର୍ଷ ତା ୨୫.୧୨.୨୦୧୯ ଦିନ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଦ୍ୱାରା ପିପିଲି ବ୍ଲକ୍ ଅନ୍ତର୍ଗତ ସୁଲତାନ ନଗର ଗ୍ରାମରେ କିଷାନ ଏବଂ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚାଷୀ ଓ ଚାଷର ଉନ୍ନତି ଦିଗରେ ବିଜ୍ଞାନର ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ଗ୍ରାମୀଣ ଯୁବକ, ଯୁବତୀ ମାନଙ୍କ ପାଇଁ 'ARYA' କାର୍ଯ୍ୟକ୍ରମ

ଆଜିର ଦିନରେ ଯୁବକ ଯୁବତୀ ପିଢ଼ି କୃଷି ଠାରୁ ଦୂରେଇ ଯାଉଛନ୍ତି । ଏହା ଦ୍ୱାରା ଆଗାମୀ ଦିନରେ କୃଷି ଉତ୍ପାଦନରେ ହ୍ରାସ ହେବା ଆକଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସେମାନଙ୍କୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ଆକର୍ଷିତ କରି ବାନ୍ଧିରଖିବା ପାଇଁ କେନ୍ଦ୍ରରେ ICAR-ARYA Project ର ଆରମ୍ଭ କରାଯାଇଅଛି । ଏହାର ଏକ ଜିଲ୍ଲାସ୍ତରୀୟ ବୈଠକ (DLC Meeting) ତା ୭.୧୧.୨୦୧୯ ରିଖରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ARYA (Attracting and retraining youth in Agriculture) ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସେମାନଙ୍କର ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ଏଥିରେ ଉକ୍ତ ପ୍ରୋଜେକ୍ଟର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ବିଶେଷଭାବେ ଆଲୋଚନା କରାଯାଇଥିଲା । ଏହାପରେ ତା ୧୮.୧୨.୨୦୧୯ ରିଖ ଇଜଣଇ ର ଏକ କର୍ମଶାଳା କୃଷି ବିଜ୍ଞାନ କେନ୍ଦ୍ର, ପୁରୀରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କର୍ମଶାଳାରେ କୃଷି ଏବଂ ଆନୁସଙ୍ଗିକ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ । ଏଥିରେ ଛତୁଚାଷ, ମାଛଚାଷ, କୁକୁଡା ପାଳନ ଏବଂ ମହୁମାଛି ପାଳନ ଅନ୍ତର୍ଗତ ୧୨୦ ଜଣ ଚାଷୀ ଭାଗନେଇଥିଲେ ।


## ଆମ ପରିବାର

**ପ୍ରକାଶକ ଓ ମୁଖ୍ୟ ସଂପାଦକ :** ଡଃ ସଞ୍ଜୟ କୁମାର ମହାନ୍ତି, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ପୁରୀ, ସାକ୍ଷୀଗୋପାଳ

**ସମ୍ପାଦନା ମଣ୍ଡଳୀ :** ଡଃ ସୁମିତା ଆଚାର୍ଯ୍ୟ, ବୈଜ୍ଞାନିକା (ଗୃହ ବିଜ୍ଞାନୀ); ଦୀପଶିଖା ପରମଜୀତା, ବୈଜ୍ଞାନିକା (କୃଷି ଯାନ୍ତ୍ରିକ) ; ସୋନୀତା ରାଣୀ ସେଠୀ, ବିଶେଷଜ୍ଞା (କୃଷି ସଂପ୍ରସାରଣ); ମାନସ ରଞ୍ଜନ ବେହେରା, ବିଶେଷଜ୍ଞ (ମତ୍ସ୍ୟ ବିଜ୍ଞାନ); ଶ୍ରୀମତୀ ନିଭା ମହାପାତ୍ର (କ୍ଷେତ୍ର ପ୍ରବନ୍ଧକ)

This Newsletter is published & Owned by Sr. Scientist and Head, Krishi Vigyan Kendra, Puri, At/Po-Sakhigopal, Pin-752014, Ph:06752-273960
E-mail : kvkpuri.ouat@gmailcom, purikvk@yahoo.co.in, Web : www.kvkpurizpdvii.org
Printed at : Saikrupa Graphics, Bhubaneswar

**Chief Editor : Dr. Sanjay Kumar Mohanty**



ଏକାଦଶ ବର୍ଷ ସଂଖ୍ୟା – ୩୦ ୨୦୧୯-୨୦


# ନୀଳାଚଳ କୃଷି ବାର୍ତ୍ତା

## କୃଷି ବିଜ୍ଞାନ କେନ୍ଦ୍ର, ପୁରୀ
## KRISHI VIGYAN KENDRA, PURI

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

## ଛତୁ ଆପ୍ ଉନ୍ମୋଚନ ଏବଂ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ

ପିପିଲି ବ୍ଲକ୍ ଅନ୍ତର୍ଗତ କ୍ରିଷ୍ଣା ଗାର୍ଡ଼େନ ଠାରେ ତା ୨୧.୧୨.୨୦୧୯ ରିଖ ଦିନ ରାଜ୍ୟସ୍ତରୀୟ ଛତୁ ଉତ୍ପାଦକ ମହାସଂଘର ଅଧିବେଶନ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମାନନୀୟ କୃଷି ଓ ଚାଷୀ ସଶକ୍ତିକରଣ, ମତ୍ସ୍ୟ ଏବଂ ପ୍ରାଣୀ ବିଭାଗୀୟ ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁ, ବିଧାୟକ ପ୍ରଦୀପ ମହାରଥୀ, ବିଧାୟକ ଉମା ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ, ଓ.ୟୁ.ଏ.ଟି, ବୈଜ୍ଞାନିକ ସମୂହ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ଏକ ଚାଷୀ – ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ କରାଯାଇ ଛତୁ ଉତ୍ପାଦନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଲୋଚନା କରାଯାଇଥିଲା । ଏଥି ସହିତ କେନ୍ଦ୍ର ତରଫରୁ ମଶରୁମ୍ କେଭିକେ ପୁରୀ ନାମରେ ଏକ ମୋବାଇଲ୍ ଆପ୍‌ର ଉନ୍ମୋଚନ କରାଯାଇଥିଲା । ଯାହାକି ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଯଥା ଉତ୍ପାଦନ, ରୋଗ, ମଞ୍ଜି ବ୍ୟବସ୍ଥା, ବଜାର ଏବଂ ନୂତନ ଜ୍ଞାନ କୌଶଳ ଜନିତ ସମସ୍ୟାର ସମାଧାନ କରିବ ବୋଲି ଆମର ଆଶା । ଏହି ଆପ୍ ଏବେ ଗୁଗୁଲ୍ ପ୍ଲେ ଷ୍ଟୋରରେ ଡାଉନଲୋଡ୍ ପାଇଁ ଉପଲବ୍ଧ ଅଛି । ଏତଦ୍‌ବ୍ୟତୀତ ଚାଷୀମାନଙ୍କ ପାଇଁ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ।

## କଦଳୀ ଫସଲରେ ଶକ୍ତି ଚାଳିତ ଘାସ ବଛା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ଚଳିତ ରବି ଋତୁରେ ନିମାପଡା ବ୍ଲକ୍ ଅନ୍ତର୍ଗତ ହରିପୁର ଗ୍ରାମରେ କଦଳୀ ଚାଷରେ ଏକ ଶକ୍ତି ଚାଳିତ ଘାସ ବଛା ଯନ୍ତ୍ରର କଦଳୀ ଫସଲରେ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ଯନ୍ତ୍ର ଦ୍ୱାରା ଘାସ ବଛା, ମାଟି କୋଡାଖୋସା ସହିତ ହୁଡା ମଧ୍ୟ ଟେକାଯାଇ ପାରିବ ଏବଂ ହୁଡା ମଧ୍ୟ ଟେକାଯାଇ ପାରିବ । ଏହି ଯନ୍ତ୍ର ଦ୍ୱାରା ଘଣ୍ଟାକୁ ଡିରିଶ ଡେସିମିଲ୍ ଜମିରେ ଘାସ ବଛା ଯାଇପାରୁଛି । ଏହି ଯନ୍ତ୍ର ସାହାଯ୍ୟରେ ଘଣ୍ଟାକୁ ୧-୧.୫ ଲିଟର ଇନ୍ଧନ ଖର୍ଚ୍ଚ ହୋଇଥାଏ । ଫଳରେ ହେକ୍ଟର ପ୍ରତି ପ୍ରାୟ ୪୫୦୦-୬୦୦୦ ଟଙ୍କା ପର୍ଯ୍ୟନ୍ତ ସଲୁରୀ ଖର୍ଚ୍ଚ କମ୍ ହୋଇଥାଏ । ଯନ୍ତ୍ରଟିର କାର୍ଯ୍ୟ ପ୍ରଣାଳୀରେ ସନ୍ତୋଷ ପ୍ରକାଶ କରି ଆଗାମୀ ଦିନରେ ପଡ଼ୋଶୀ ଗ୍ରାମର ୫୦-୬୦ ଜଣ କୃଷକ ଏହାକୁ କଦଳୀ, ଅମୃତଭଣ୍ଡା ତଥା ଅନ୍ୟାନ୍ୟ ପନିପରିବା ଫସଲରେ ନିୟୋଜିତ କରିବା ପାଇଁ ମନ ବଳାଇଛନ୍ତି ।

## ଟ୍ରାକ୍ଟର ଚାଳିତ ସମ୍ପୂର୍ଣ୍ଣ ଧାନ ନଡ଼ା ଅମଳ ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ

ଚଳିତ ରବି ଋତୁରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ସାନଭିମଦାସପୁର ଗ୍ରାମରେ ଟ୍ରାକ୍ଟର ଚାଳିତ ପୂର୍ଣ୍ଣ ଧାନ ନଡା ଅମଳ ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମଟି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅର୍ନ୍ତଗତ କୃଷି ଯାନ୍ତିକ ମହାବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଯନ୍ତ୍ରଟିର ନଡ଼ା ଯୋଗାଣ ପ୍ଲାଟଫର୍ମରେ ପୂର୍ଣ୍ଣଧାନ ବଂଡଲ ଗୁଡିକ ଭୂସାମନ୍ତର ଭାବରେ ଯୋଗାଇ ଦିଆଯାଏ ଏବଂ ଅମଳ ବିଭାଗ ଦ୍ୱାରା ବଂଡଲ ଗୁଡ଼ିକର କେବଳ ଅଗମୂଳ ହୋଇଥାଏ । ଏହି ଅମଳ ଯନ୍ତ୍ରର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ନଡ଼ା ମିଳିଥିବାରୁ ଏହା ଗୋଖାଦ୍ୟ ଭାବରେ ଏବଂ ବିଶେଷ କରି ଛତୁ ଚାଷରେ ବ୍ୟବହାର ହୋଇପାରିଥାଏ । ଘଣ୍ଟା ପ୍ରତି ୫ କ୍ୱିଣ୍ଟାଲ୍ ଧାନ ଯନ୍ତ୍ର ଦ୍ୱାରା ଅମଳ ହୋଇଥାଏ ଏବଂ ପାରମ୍ପରିକ ପଦ୍ଧତି ତୁଳନାରେ ୩୫୦୦ ରୁ ୪୦୦୦ ଟଙ୍କା ଖର୍ଚ୍ଚ କମ୍ ହୋଇଥାଏ । ଏହି ଯନ୍ତ୍ର ଦ୍ୱାରା ଧାନ ଅମଳ କରିଲେ ଛତୁ ଚାଷୀମାନେ ଅନେକାଂଶରେ ଲାଭବାନ୍ ହୋଇପାରିବେ ।

## କୁକୁଡା ପାଳନରେ କୃତ୍ରିମ ଉପାୟରେ ବ୍ରୁଡ଼ିଙ୍ଗ୍ ପରିଚାଳନାର କ୍ଷେତ୍ର ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଦ୍ୱାରା ବାଡି ଅଗଣାରେ କୁକୁଡା ପାଳନରେ ହେଉଥିବା ମୃତ୍ୟୁହାରକୁ ରୋକିବା ପାଇଁ କୁକୁଡା ଚିଆଁ ମାନଙ୍କର ବୈଜ୍ଞାନିକ ପଦ୍ଧତିରେ ପାଳନ ଏବଂ ବ୍ରୁଡିଙ୍ଗ୍ କକ୍ଷର ପରିଚାଳନା ପାଇଁ ଗଡତୋରିଆ ଗ୍ରାମରେ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉକ୍ତ ଗ୍ରାମର ୫ଜଣ ଅଗ୍ରଣୀ ମହିଳା ଚାଷୀ ୨୦୦ଟି କୁକୁଡା ଚିଆଁ ଏବଂ ଅଡଙ୍ଗପଡା ଗ୍ରାମର ୫ଜଣ ମହିଳା ଚାଷୀ ୨୦୦ଟି କୁକୁଡା ଚିଆଁକୁ ୨ଟି ବ୍ରୁଡିଙ୍ଗ୍ ୟୁନିଟ୍‌ରେ ରଖିଥିଲେ । କେନ୍ଦ୍ରର ବୈଜ୍ଞାନିକଙ୍କ ପରାମର୍ଶରେ କୁକୁଡା ଚିଆଁ ମାନଙ୍କୁ ସଠିକ୍ ସମୟରେ ପ୍ରତିଷେଧକ ଟିକା ଏବଂ ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ଏବଂ ଭିଟାମିନ୍ ମଧ୍ୟ ଦିଆଯାଇଥିଲା । ଉକ୍ତ ଗୃହର ସଠିକ୍ ପରିଚାଳନା ଫଳରେ କୁକୁଡା ମୃତ୍ୟୁହାର ୨୦ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସପାଇଛି । କୁକୁଡା ଛୁଆର ଓଜନ ଏକ ମାସରେ ହାରାହାରି ୩୦୦ – ୪୦୦ ଗ୍ରାମ ପର୍ଯ୍ୟନ୍ତ ହୋଇପାରିଛି । ଏହା ପରେ କୁକୁଡା ଛୁଆ ଗୁଡିକୁ ବାଡି ଅଗଣାରେ ବଢିବାକୁ ଛଡାଯାଉଛି । ଏହି ସଫଳତାକୁ ଦେଖି ଅନେକ ଚାଷୀ ବ୍ରୁଡିଙ୍ଗ ୟୁନିଟ୍ କରି ମାସିକିଆ ଛୁଆ ବିକ୍ରୟ କରିବାର ଲକ୍ଷ୍ୟ ରଖିଛନ୍ତି । କୁକୁଡା ଛୁଆ ପ୍ରତି ଟ.୨୦ ଲାଭ ମିଳିପାରୁଛି ଏବଂ ମହିଳାମାନେ ଏହି ଉପାୟକୁ ଅବଲମ୍ବନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

## ରବି ଚିନାବାଦାମରେ ଘାସମରା ଔଷଧର କ୍ଷେତ୍ର ପ୍ରଦର୍ଶନ

ଚିନାବାଦାମ ଚାଷ ପୁରୀ ଜିଲ୍ଲାର ଏକ ମୁଖ୍ୟ ତୈଳବୀଜ ଜାତୀୟ ଫସଲ । ଚଳିତ ବର୍ଷ ଚିନାବାଦାମ ଫସଲରେ ଘାସ ଦମନ ପାଇଁ ଲୋକପାଳ ଗ୍ରାମରେ ଦୁଇଟି ଘାସ ମରା ଔଷଧ ଯଥା – ଅକ୍ସିଫ୍ଲୁରୋଫେନ୍ (ମଞ୍ଜି ବୁଣିବାର ୨–୩ ଦିନ ମଧ୍ୟରେ) ଏବଂ ଇମାଜିଥାପିର୍ (ମଞ୍ଜି ବୁଣିବାର ୨୫–୩୦ ଦିନ ମଧ୍ୟରେ) ର କ୍ଷେତ୍ର ପ୍ରଦର୍ଶନ

କରାଯାଇଅଛି । ଏହା ଚିନାବାଦାମ ଚାଷୀମାନଙ୍କ ଘାସ ସମସ୍ୟାକୁ ଦୂରୀଭୂତ କରିବ ବୋଲି ଆମେ ଆଶାବାଦୀ ।

## ଟମାଟୋର ଅଭାବୀ ବିକ୍ରିକୁ ରଖିବା ପାଇଁ ପର୍ଯ୍ୟାୟ କ୍ରମିକ ଟମାଟୋ ଚାଷର କ୍ଷେତ୍ର ପରିକ୍ଷଣ

ରବି ଋତୁରେ ଏକ କାଳୀନ ଟମାଟୋ ଚାଷ ଲଗାଇବା ଦ୍ୱାରା ଗୋଟିଏ ସମୟରେ ବଜାରରେ ଟମାଟୋର ଯୋଗାଣ ବଢିଯାଇଥାଏ । ଯାହାକି ଦର ହ୍ରାସର ଏକ ମୁଖ୍ୟ କାରଣ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ଚଳିତ ବର୍ଷ କଣାସ ବ୍ଲକ ଅନ୍ତର୍ଗତ କଖାରୁବସ୍ତା ଏବଂ ତେଲାଙ୍ଗ ବ୍ଲକ ସ୍ଥିତ ସିଂବ୍ରହ୍ମପୁର ଗ୍ରାମରେ ପର୍ଯ୍ୟାୟ କ୍ରମେ ୧୫ ଦିନ ବ୍ୟବଧାନରେ ଚାଷ ରୋପଣ କରାଯିବାର କ୍ଷେତ୍ର ପରୀକ୍ଷଣ କରାଯାଇଅଛି । ଏହି ବ୍ୟବଧାନ ବଜାରରେ ଟମାଟୋର ଦରଦାମକୁ ସଠିକ୍

ଭାବେ ନିୟନ୍ତ୍ରଣ କରିବ ବୋଲି ଆମେ ଆଶାବାଦୀ ।





## ମହିଳା କିଷାନ ଦିବସ

ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ବଳଙ୍ଗା ଠାରେ ୧୫.୧୦.୨୦୧୯ ଦିନ କିଷାନ ଦିବସ ପାଳନ କରାଯାଇଛି । ଏଥିରେ କେନ୍ଦ୍ରର ବୈଜ୍ଞାନିକ, ମିଶନ ଶକ୍ତିର କାର୍ଯ୍ୟକର୍ତ୍ତାଙ୍କ ସମେତ ୧୨୦ ଜଣ ମହିଳା ଚାଷୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ମାନଙ୍କ ପାଇଁ ଶ୍ରମ ଲଘୁ କୃଷି ଯନ୍ତ୍ରପାତି, ପ୍ରୋଟ୍ରେରେ ଚାରା ଉତ୍ପାଦନ, ଛତୁ ଚାଷ ର ପ୍ରଦର୍ଶନ କରାଯିବା ସହିତ ପନିପରିବା ଚାରା ବଣ୍ଟନ କରାଯାଇଥିଲା ।

## ବିଶ୍ୱ ଖାଦ୍ୟ ଦିବସ

ଚଳିତ ବର୍ଷ କେନ୍ଦ୍ର ଦ୍ୱାରା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବାସୁଦେଇପୁର ଗ୍ରାମରେ ତା ୧୬.୧୦.୨୦୧୯ ବିଶ୍ୱ ଖାଦ୍ୟ ଦିବସ ଅନୁଷ୍ଠିତ ହୋଇଯାଉଅଛି । ଚଳିତ ବର୍ଷର ବିଷୟ ବସ୍ତୁ 'Our actions are our future' ଉପରେ ଆଲୋଚନା କରାଯାଇଥିଲା । ଏଥିରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀ ଯୋଗ ଦେଇ ବିଭିନ୍ନ ବୈଜ୍ଞାନିକ ଜ୍ଞାନ କୌଶଳ ମାଧ୍ୟମରେ ଚାଷୀ ଓ ଚାଷର ଉନ୍ନତି ସହିତ ଏକ କ୍ଷୁଧାମୁକ୍ତ ଭାରତ ଗଢ଼ିବା ପାଇଁ ମନ ବଳାଇଥିଲେ ।

## ସାର ପ୍ରୟୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଦ୍ୱାରା ତା ୨୨.୧୦.୨୦୧୯ ଦିନ ସାରର ପ୍ରୟୋଗ ଏବଂ ସଠିକ୍ ପରିଚାଳନା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ଏଥିରେ କେନ୍ଦ୍ରର ବୈଜ୍ଞାନିକଙ୍କ ସମେତ କୃଷି ଏବଂ ଉଦ୍ୟାନ ବିଭାଗର ଅନେକ କର୍ମଚାରୀ, ମିଶନ ଶକ୍ତି କାର୍ଯ୍ୟକ୍ରମର କର୍ମଚାରୀ ଯୋଗଦେଇ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀଭାଇ ଓ ଭଉଣୀ ମାନଙ୍କୁ ସାରର ସଠିକ୍ ପରିଚାଳନା କରି ମୃତ୍ତିକା ଏବଂ ନିଜ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଏହାର କୁ ପ୍ରଭାବକୁ ହ୍ରାସ କରିବା ଦିଗରେ ସଚେତନ କରାଇଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଏହି ବର୍ଷ ତା ୨୮.୧୦.୨୦୧୯ ରୁ ୦୨.୧୧.୨୦୧୯ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଅନୁସନ୍ଧାନ – ସଂପ୍ରସାରଣ ଲିଙ୍କେଜ୍ ସଭାରେ ଚଳିତ ବର୍ଷର ବିଷୟ ବସ୍ତୁ ''Integrity - A way of life'' ଉପରେ ଆଲୋଚନା କରାଯାଇଥିଲା । ଏଥିସହିତ ନିମାପଡା ବ୍ଲକ୍ ଅନ୍ତର୍ଗତ ଦଳଭାଣପୁର ଠାରେ ଚାଷୀ ଭାଇ ଓ ଭଉଣୀମାନଙ୍କ ସହ ମିଶି ଏକ ସଭାର ଆୟୋଜନ କରାଯାଇଥିଲା ।

## ଜୟନ୍ତୀ ରୋହି ମାଛ ଚାଷର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ସତ୍ୟବାଦୀ ବ୍ଲକ୍‌ର ଅଳଗୁମ୍, ବୀରନରସିଂହପୁର ଏବଂ ଓଟରକେରା ଗ୍ରାମରେ ସଘନ ମାଛ ଚାଷରେ ଜୟନ୍ତୀ ରୋହି ମାଛର ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଚାଷୀମାନଙ୍କୁ ପ୍ରଥମେ ତାଲିମ୍ ମାଧ୍ୟମରେ ଉକ୍ତ ଚାଷ ବିଷୟରେ ଅବଗତ କରାଯାଇଥିଲା । ରୋହି ବଦଳରେ ଜୟନ୍ତୀ ରୋହି ସହ ଭାକୁର ଓ ମିରିକାଳି ମାଛର ଫିଙ୍ଗର୍‌ଲିଙ୍ଗସ୍ କୁ ୩:୪:୩ ହିସାବରେ ଏକର ପ୍ରତି ୪୦୦୦ ଗୋଟି ଛଡାଯାଇଥିଲା । ଏଥିନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ତରଫରୁ ଚାଷୀମାନଙ୍କୁ ଜୟନ୍ତୀ ରୋହିର ଆଙ୍ଗୁଳିକା ଯାଆଁଳ ଯୋଗାଇ ଦିଆଯାଇଥିଲା । ସଠିକ୍ ପୋଖରୀ ପରିଚାଳନା କରି ସୁଚାରୁ ରୂପେ ଖାଦ୍ୟ ପ୍ରୟୋଗ କରାଗଲେ ଜୟନ୍ତୀ ରୋହିର ବୃଦ୍ଧିହାର ସାଧାରଣ ରୋହି ଅପେକ୍ଷା ୧୮–୨୦% ପର୍ଯ୍ୟନ୍ତ ଅଧିକ ହୋଇପାରିବ । ୩ ମାସର ଚାଷ ଅବଧି ପରେ ଫିଙ୍ଗାଜାଲ ପକାଇ ଜୟନ୍ତୀ ରୋହିର ହାରାହାରି ଓଜନ ଆକଳନ କରାଯାଇଛି । ଯାହାକି ୨୫୦ଗ୍ରାମ୍ ପର୍ଯ୍ୟନ୍ତ ହୋଇପାରିଛି । ତେଣୁ ମତ୍ସ୍ୟଚାଷୀମାନେ ସଘନ ମାଛ ଚାଷରେ ସାଧାରଣ ରୋହି ପରିବର୍ତ୍ତେ ଜୟନ୍ତୀ ରୋହି ବ୍ୟବହାର କରି ଅମଳ ବଢାଇ ଅଧିକ ରୋଜଗାରକ୍ଷମ ହୋଇପାରିବେ ।